ତରଙ୍ଗ

ପ୍ରାଚୀର ପତ୍ରିକା
ଦ୍ୱିତୀୟ ସଂଖ୍ୟା   ସେପ୍ଟେମ୍ବର ୧୯୮୯
ମୂଲ୍ୟ : ବାର୍ଷିକ ଟ ୫୦.୦୦ ପତ୍ରିକା ସହ

WALL MAGAZINE
ପ୍ରକାଶକ
ସୃଜନୀକା
କ୍ୱାଟର ନମ୍ବର–ସି. ଆର୍.–୧
ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର କ୍ୟାମ୍ପସ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର–୭୫୧୦୦୫

ପାଣି-କେଉଁଠି କେତେ?



ଆମ କଥା

ତରଙ୍ଗ, ତରଙ୍ଗ କ୍ଲବ୍ ଓ ତୁମେ

ତରଙ୍ଗର ପ୍ରିୟ ସାଥୀମାନେ !

ତରଙ୍ଗର ପୃଷ୍ଠା ଖୋଲିଥିବାରୁ ଅଭିନନ୍ଦନ ।

"ବିଜ୍ଞାନ ତରଙ୍ଗ" ର ଏହି ସଂଖ୍ୟାଟି ଶିଶୁ ବିଜ୍ଞାନ ମେଳାରେ ମୁକ୍ତିଲାଭ କରୁଥିବା ଆମ ପାଇଁ ଖୁବ୍ ଖୁସିର କଥା । ତରଙ୍ଗ ଓ ଶିଶୁ ବିଜ୍ଞାନ ମେଳା ବିଜ୍ଞାନ ପ୍ରତି ପିଲାଙ୍କର ଆଗ୍ରହ ବଢ଼ାଇବା ଲାଗି ସୃଜନୀକାର ଦୁଇଟି ମୁଖ୍ୟ କାର୍ଯ୍ୟକ୍ରମ ।

ପ୍ରାଚୀର ପତ୍ରିକାଟି ମୁଖ୍ୟ ପତ୍ରିକାର ଗୋଟିଏ ଅଂଶ । ବର୍ତ୍ତମାନର ଚାହିଦାକୁ ଦେଖି ଆମେ ଭାବୁ ନାହୁଁ ଯେ ଏହାକୁ ପୃଥ ଅଲଗା କରି ଚଲାଇ ହେବ । ବର୍ତ୍ତମାନ ପାଇଁ ତେଣୁ ଆମେ ଏହାକୁ କେବଳ ପତ୍ରିକା ସାଙ୍ଗରେ ଦେବୁ । କେହି ଚାହିଁଲେ ଗୋଟିଏ ପତ୍ରିକା ସାଙ୍ଗରେ ଅଧିକ ପ୍ରାଚୀର ପତ୍ରିକା ନେଇ ପାରିବେ ।

ତରଙ୍ଗର ସାଧାରଣ ମୂଲ୍ୟ ଛାପାଖର୍ଚ୍ଚ ଠାରୁ ମଧ୍ୟ କମ୍ ରଖା ଯାଇଛି । ଆଉ ତୁମେ ଯଦି ତରଙ୍ଗ ପରିବାରର ସଭ୍ୟ ହେବ, ତେବେ ତୁମେ ବର୍ଷକର ତରଙ୍ଗ ଅଧାଦାମ୍‌ରେ ବା ଟ ୨୦.୦୦ ରେ ପାଇ ପାରିବ । ଏ ଅଧା ରିହାତି ସୃଜନୀକାର ଅନ୍ୟ ସବୁ ବହି ଉପରେ ମଧ୍ୟ ଲାଗୁ ହେବ । ତୁମ ପାଖାପାଖି ଯଥେଷ୍ଟ ସଭ୍ୟ ହେଲେ ଗୋଟିଏ "ତରଙ୍ଗ କ୍ଲବ୍" ମଧ୍ୟ ତୁମେ ଗଢି ପାରିବ । ସଭ୍ୟ ହେବାପାଇଁ ତୁମକୁ ବାର୍ଷିକ ଟ ୫.୦୦ ସହ (ପୋଷ୍ଟାଲ୍ ଅର୍ଡର ହେଲେ ଭଲ) ସାଦା କାଗଜରେ ତଳେ ଦିଆଯାଇଥିବା ଫର୍ମାରେ ତୁମ ବିଷୟରେ ସବୁ ଲେଖି ପଠାଇବାକୁ ହେବ ।

ଏସବୁ ବିଷୟରେ ଆପଣମାନଙ୍କର ମତାମତ ଓ ସାହାଯ୍ୟ ଆମ ପାଇଁ ଖୁବ୍ ମୂଲ୍ୟବାନ୍ ହେବ । ଆମେ ଏହି ସହଯୋଗ ପାଇବୁ ବୋଲି ଆଶା କରୁଛୁ ।

ସମ୍ପାଦନା ମଣ୍ଡଳୀ



ନିଜ ନିଜକୁ ଧରି ରଖିଥିବା ପାଣି ଅଣୁ

- ▯ ଉଦ୍‌ଜାନ ବନ୍ଧନ
- ● ଅମ୍ଳଜାନ
- ○ ଉଦ୍‌ଜାନ

କିଏ ସିଏ ?

୧– ତିନି ରୂପରେ ମୋର ଶରୀର
ଆକାଶ, ମାଟି, ପର୍ବତ ମୋ ଘର ।

୨– ପେଟ ନାହିଁ ତା'ର ପାଣି ପିଉଛି ।
ସାରା ଦେଶ ବୁଲି ବାନ୍ତି କରୁଛି ।

୩– ମଶାଣି ପଦାରେ ଗାବୁଛି ବୋଦା,
ତଳକୁ ଡେଇଁଲେ କରିବ ଓଦା,

୪– ପାଟି ନ ଥାଇ ସେ କରେ ଗର୍ଜ୍ଜନ
ତା ଗର୍ଜ୍ଜନେ କମ୍ପେ ତିନି ଭୁବନ ।

(ସଂଗ୍ରାହକ : ପିତାମ୍ବର ବିଶୋଇ, ୬ଷ୍ଠ ଶ୍ରେଣୀ)

ପ୍ରତିବର୍ଷ ପୃଥିବୀର ନଈମାନଙ୍କରେ ବୋହି ସମୁଦ୍ରରେ ପଡୁଥିବା ପାଣିର ପରିମାଣ ପ୍ରାୟ ୨୯,୫୦୦ ଘନ କି.ମି. ବା ସମୁଦ୍ରରେ ଥିବା ପାଣିର ଏକ ଶତାଂଶର ୫ ଭାଗରୁ ଭାଗେ (୦.୨ %)

- ପୃଥିବୀର ସବୁତକ ପାଣି ଭାରତବର୍ଷ ଆକାରର କୂଅରେ ରଖିଲେ ତା'ର ଗଭୀରତା ହେବ ପ୍ରାୟ ୪୨୫ କି.ମି. ବା ବର୍ତ୍ତମାନର ସମୁଦ୍ରର ଗଭୀରତାର ୧୦୦ ଗୁଣରୁ ଅଧିକ ।

୨୨.୯.୧୭୯୧ - ୨୫.୮.୧୮୬୭

ବିଦ୍ୟୁତ୍ ଉତ୍ପାଦକର ସ୍ରଷ୍ଟା: ଫାରାଡ଼େ

ସେ ଜଣେ ଦକ୍ଷ ଶିକ୍ଷକ ଓ ଲୋକପ୍ରିୟ ବକ୍ତା ଥିଲେ । ସାଧାରଣ ଲୋକଙ୍କୁ ବିଜ୍ଞାନ ବିଷୟରେ ବୁଝାଇ କହିବା ପାଇଁ ସେ ବିଖ୍ୟାତ ଥିଲେ । ସେ ପ୍ରତ୍ୟେକ ବର୍ଷ "ବଡ଼ଦିନ" ସମୟରେ ପିଲାମାନଙ୍କ ପାଇଁ କିଛି ବିଜ୍ଞାନ ବକ୍ତୃତା କାର୍ଯ୍ୟକ୍ରମ ରଖୁଥିଲେ । ୧୮୨୦ରୁ ୧୮୬୨ ପର୍ଯ୍ୟନ୍ତ ୪୨ ବର୍ଷ ଧରି ସେ ନିଜର ଗବେଷଣାର ପ୍ରତିଦିନର ବିବରଣୀ ସ୍ପଷ୍ଟ ଭାବରେ ଲେଖି ରଖୁଥିଲେ । ୧୯୩୨ ମସିହାରେ ଏହା ୭ଖଣ୍ଡରେ ପ୍ରକାଶିତ ହୋଇଥିଲା ।

- ତାଙ୍କର ସବୁଠାରୁ ବଡ଼ ଉଦ୍ଭାବନ ହେଲା ବିଦ୍ୟୁତ୍ ଉତ୍ପାଦକ (୧୮୩୧) ଯାହାର ପରିମାର୍ଜିତ ରୂପ ଆଜି ଆମକୁ ବିଦ୍ୟୁତଶକ୍ତି ଯୋଗାଉଛି ।

ସୁନ୍ଦରୀ ଗ୍ରହ ଶନି





ଗାଲିଲିଓଙ୍କ ଆଖିରେ ଶନି

ସୂର୍ଯ୍ୟ ଆଡୁ ଗଣିଲେ ଏହି ଷଷ୍ଠ ଗ୍ରହ ଶନି ଆମ ସୌର ଜଗତର ଦ୍ୱିତୀୟ ବୃହତ୍ତମ ଗ୍ରହ । ସୂର୍ଯ୍ୟଠାରୁ ତା'ର ଦୂରତା ପ୍ରାୟ ୧୪୩ କୋଟି କି.ମି. ବା ପୃଥିବୀ-ସୂର୍ଯ୍ୟ ଦୂରତାର ୧୦ ଗୁଣ । ଆକାରରେ ଏହା ବୃହସ୍ପତିର ଠିକ୍ ପଛକୁ ଓ ଏହାର ବ୍ୟାସ ୧୨୦, ୭୯୦ କି.ମି. । କିନ୍ତୁ ମେରୁ ଦୁଇଟି ଭିତରେ ଦୂରତା ମୋଟେ ୧୦୭, ୦୦୦ କି.ମି. । ଶନି ଏମିତି ଚେପଟା ହେବାର କାରଣ ହେଉଛି ତା'ର ନିଜ ଅକ୍ଷ ଚାରିପଟେ ଅତି ଜୋର୍‌ରେ ଘୂରିବା । ଏଡ଼େ ବଡ଼ ପେଣ୍ଡୁଟିଏ କିନ୍ତୁ ନିଜ ଚାରିପଟେ ବୁଲିବାକୁ ଶନିକୁ ଲାଗେ ମୋଟେ ୧୦ ଘଣ୍ଟା ୪୦ ମିନିଟ୍ । ପ୍ରାୟ ୧୩, ୦୦୦ କି.ମି. ବ୍ୟାସର ପୃଥିବୀକୁ ଏଥିପାଇଁ ଲାଗେ ୨୪ ଘଣ୍ଟା । ସୂର୍ଯ୍ୟ ଚାରିପଟେ ଥରେ ବୁଲିବା ପାଇଁ କିନ୍ତୁ ଶନିକୁ ଲାଗେ ୨୯.୪୬ ପୃଥିବୀ ବର୍ଷ । ଅର୍ଥାତ୍ ତା'ର ପରିକ୍ରମଣ ବେଗ ପୃଥିବୀର ୩ ଭାଗରୁ ଭାଗେ । ଆକାରରେ ସେ ପୃଥିବୀର ୭୪୪ ଗୁଣ କିନ୍ତୁ ଓଜନରେ ମାତ୍ର ୯୫ ଗୁଣ– ଭାବ ତ ସେ କେତେ ହାଲୁକା ହୋଇ ନଥିବ । ଶନିର ଘନତ୍ୱ ପୃଥିବୀର ଘନତ୍ୱର ଆଠ ଭାଗରୁ ଭାଗେ ବା ୦.୭୧ ଗ୍ରା/ସି.ସି. । ତା ମାନେ ଯଦି ଶନି ତୁମ ପାଣି ଗିଲାସରେ ଖସି ପଡ଼ିବ ତେବେ ସେ ଭାସିବ !

ଶନିର ବଳୟ ସମୂହ

ମଜାଳିଆ ତଥ୍ୟ



୧. ତିନୋଟି ଦୁଇଟି ବର୍ଗକ୍ଷେତ୍ର ଆଙ୍କ ଯେପରି ସେମାନଙ୍କ ବାହୁଗୁଡ଼ିକ ପ୍ରତ୍ୟେକ ବିନ୍ଦୁକୁ ଅନ୍ୟ ବିନ୍ଦୁଠାରୁ ଅଲଗା କରି ଦେବେ ।

୨. ବିଭିନ୍ନ ଗାଣିତିକ ସଙ୍କେତକୁ ଓ ଚାରୋଟି ୪କୁ ବ୍ୟବହାର କରି ୮, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୧୮ ପାଇପାରିବ କି ?

ଉଦାହରଣ : $୧୧ = \frac{୪୪}{\sqrt{୪} + \sqrt{୪}}$

୩. ତିନୋଟି ବୋତାମର ସ୍ଥାନ ପରିବର୍ତ୍ତନ କର ଯେପରି ଚିତ୍ରଟିର ମୁଣ୍ଡ ଉପରୁ ତଳକୁ ହୋଇଯିବ ।





୪. i. ୧ ରୁ ୯ ପର୍ଯ୍ୟନ୍ତ ପ୍ରତ୍ୟେକ ସଂଖ୍ୟାକୁ ଥରେ ମାତ୍ର ବ୍ୟବହାର କରି ଗୋଲଗୁଡ଼ିକ ଭିତରେ ସଜାଇ ଲେଖ ଯେପରିକି ପ୍ରତ୍ୟେକ ଧାଡ଼ିର ମିଶାଣ ଫଳ ୧୭ ହେବ ।

ii. ସେହିପରି ପୁଣି ଥରେ ଲେଖ ଯେପରି ପ୍ରତ୍ୟେକ ଧାଡ଼ିର ମିଶାଣ ଫଳ ୨୦ ହେବ ।

ଗତଥରର ଉତ୍ତର

୧. ୧୪ ୩ ୦·୨୪
୨. ୧୮ ବର୍ଷ
୩. ୧୨୩
    ୨୧
  ୧୨୩
୨୪୬
୨୫୮୩
୪. ୮ ଗୋଟି
୫. ୧୫ ଓ ୧୮ ବର୍ଷ
୬. ୨୯ × ୩୦ = ୮୭୦ ପ୍ରକାର

ଜାଣିଛ କି?



- ଏକ ଟନ୍ ଇସ୍ପାତ ତିଆରି କରିବାରେ ୭୫,୦୦୦ ଲିଟର ପାଣି ଖର୍ଚ୍ଚ ହୁଏ ।
- ଖଣ୍ଡିଏ ଖବରକାଗଜର କାଗଜ ତିଆରି କରିବାରେ ପ୍ରାୟ ୧୦ ଲିଟର ପାଣି ବ୍ୟବହୃତ ହୋଇଥାଏ । (ଏକ ଟନ୍ କାଗଜ ପାଇଁ ୨,୫୦, ୦୦୦ ଲିଟର)

ବ୍ୟାଟେରୀରେ ତାର ଯୋଡ଼ିବାର ମଜା ଉପାୟ :

ପୁରୁଣା ସାଇକେଲ୍ ଟ୍ୟୁବ୍‌ରୁ ପ୍ରାୟ ଏକ ସେ. ମି. ଚଉଡ଼ାର ଦୁଇଟି "ରବର ବ୍ୟାଣ୍ଡ" କାଟ ଓ ବ୍ୟାଟେରୀ ଉପରେ ପିନ୍ଧାଇ ଦିଅ । ତାରର ମୁଣ୍ଡରେ ଗୋଟିଏ ଲେଖା ପିନ୍ କଣ୍ଟା ଗୁଡ଼ାଇ ରବର ବ୍ୟାଣ୍ଡରେ ଫୋଡ଼ି ଦିଅ ଯେପରି ବ୍ୟାଟେରୀର ମୁଣ୍ଡ ଦୁଇଟିକୁ ଛୁଇଁବ । "ଅଫ" କରିବାକୁ ଚାହିଁଲେ ଗୋଟିଏ ପିନ୍ ଭିଡ଼ି ବାହାର କରିଦିଅ । ତାର ଦୁଇଟିରେ ଚିପା ବୋତାମ ଦୁଇ ଫାଳ ଲଗାଇ ଦେଲେ ବଢିଆ ସ୍ୱିଚ ଗୋଟିଏ ମଧ୍ୟ ହୋଇ ପାରିବ

ଏ ଉପାୟଟି ତୁମର ସବୁ କାମରେ ଲାଗି ପାରିବ । ଦୁଇଟି ବ୍ୟାଟେରୀ କେମିତି ଯୋଡିବ ?



ଚିପା ବୋତାମର ସ୍ୱିଚ

• ବ୍ୟାରେଲ୍ କ୍ୟାକ୍‌ଟସ୍ •

ମରୁଭୂମିର ଅତି ଶୁଖିଲା ଜଳବାୟୁରେ ମଧ୍ୟ ଏହା ବଞ୍ଚି ରହିଥାଏ । ତା' ସଙ୍ଗେ ସଙ୍ଗେ ନିଜ ଦେହରେ ଅନେକ କିଛି ପାଣି ସଞ୍ଚି ପରିବେଶକୁ ଥଣ୍ଡା ରଖେ ।

ବେଙ୍ଗ

WALL MAGAZINE

ପ୍ରାଚୀର ପତ୍ରିକା

ତୃତୀୟ ସଂଖ୍ୟା ଅକ୍ଟୋବର ୧୯୮୯

ମୂଲ୍ୟ : ଖଣ୍ଡ ପ୍ରତି ଟ ୧.୦୦, ବାର୍ଷିକ ଟ ୧୦.୦୦

ପ୍ରକାଶକ

ସୃଜନୀକା

କ୍ୱାଟର ନମ୍ବର–ସି. ଆର୍.–୧
ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର କ୍ୟାମ୍ପସ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର–୭୫୧୦୦୫

ଆମ କଥା

ଗାନ୍ଧିଜୀଙ୍କ ଦୃଷ୍ଟିରେ ବିଜ୍ଞାନ

"ବିଜ୍ଞାନସମ୍ମତ ଜ୍ଞାନ ପାଇଁ ସବୁବେଳେ ନିଜର ପ୍ରତ୍ୟେକ କାମ ବିଷୟରେ 'କାହିଁକି', 'କିପରି' ଇତ୍ୟାଦି ପ୍ରଶ୍ନ ଉଠାଇବା ଦରକାର । ...ଗୋଟିଏ ବିଜ୍ଞାନପ୍ରେମୀ ମନ କୌଣସି କେବଳ ବିଶ୍ୱାସରେ ଗ୍ରହଣ କରିନିଏ ନାହିଁ । ସେ ଦାବି କରେ ବିଶ୍ୱାସ ପଛରେ ଥିବା କାରଣ, ଯେଉଁଠି କାରଣ ଖୋଜାଯାଇ ପାରିବ ଓ ତର୍କ କରଯାଇ ପାରିବ ସେଠି ବିଶ୍ୱାସର ବଳ କାମ କରିପାରିବ ନାହିଁ । ଯେଉଁଠି ତର୍କ ପାଇଁ କିଛି ଭିତ୍ତି ନାହିଁ ବିଶ୍ୱାସର କ୍ଷେତ୍ର ଆରମ୍ଭ ସେଇଠି । ଉଭୟଙ୍କର ସ୍ଥାନ ସ୍ୱତନ୍ତ୍ର ।"

"ଯେଉଁ ମଣିଷର ବୈଜ୍ଞାନିକଦୃଷ୍ଟିକୋଣ ରହିଛି ତାହା ତା'ର ସବୁ କାମରେ ପ୍ରତିଫଳିତ ହେବ । ତା'ର ଖାଇବା, ପିଇବା, ବିଶ୍ରାମ ନେବା ସବୁ କିଛି ବିଜ୍ଞାନର ଧାରାରେ କାରଣ ଅନୁସାରେ ନିୟନ୍ତ୍ରିତ ହେବ । ପରିଶେଷରେ ଗୋଟିଏ ବୈଜ୍ଞାନିକ ମନ ଭିତରେ ଅନାସକ୍ତି ରହିବା ଦରକାର ।"

(ହରିଜନ, ୩୧-୩-୧୯୪୬)

ମୁଁ ଭାବିଥିଲି ସୁନ୍ଦର ଦୀପିକା ଦେଖି ଲୋକ ଯୁଦ୍ଧ ବନ୍ଦ କରିଦେବେ କିନ୍ତୁ ଏ କ'ଣ ? -ନୋବେଲ୍

ଆଲଫ୍ରେଡ୍ ନୋବେଲ୍

ଅକ୍ଟୋବର ମାସରେ ଯେତେ ବୈଜ୍ଞାନିକ ଜନ୍ମ ହୋଇଛନ୍ତି, ତାଙ୍କ ମଧ୍ୟରୁ ସବୁଠୁ ଆଗେ ମନେପଡ଼େ ଆଲଫ୍ରେଡ୍ ବର୍ଣ୍ଣାଡ୍ ନୋବେଲ୍‌ଙ୍କ ନାମ । ପ୍ରତି ବର୍ଷ ବିଜ୍ଞାନର ବିଭିନ୍ନ ବିଷୟରେ ବିଶେଷ ଅବଦାନ ପାଇଁ କେତେକ ଆଗୁଆ ଲୋକଙ୍କୁ ଦିଆଯାଉଥିବା ସମ୍ମାନୀୟ ନୋବେଲ୍ ପୁରସ୍କାର ତାଙ୍କରି ନାଁ'ରେ ହୋଇଛି ।

ସ୍ୱିଡେନ୍ ଦେଶର ଷ୍ଟକ୍‌ହୋମ୍‌ରେ ୧୮୩୩ ମସିହା ଅକ୍ଟୋବର ୨୧ ତାରିଖରେ ନୋବେଲ୍‌ଙ୍କ ଜନ୍ମ ।

ତାଙ୍କର ସବୁଠାରୁ ବଡ଼ ଉଦ୍ଭାବନ ହେଲା ଡିନାମାଇଟ

ଶିଶୁ ବିଜ୍ଞାନ ମେଳା

ବର୍ଷା ଦିନର ରଜା : ବେଙ୍ଗ

ବର୍ଷା ଦିନେ ରାତିରେ ବେଙ୍ଗମାନଙ୍କର କେଁ କଟର ରଡ଼ିରେ କାନ ଅତଡ଼ା ପଡ଼ିଯାଏ । ତମେ ଭାବ, ଓଃ, କେତେ ରଡ଼ି ଛାଡ଼ୁଛନ୍ତି ଏମାନେ ! ତମେ ପିଲାଦିନେ ଗୀତ ଗାଇଥିବ "ମେଘ ବରଷିଲା ଟୁପୁରୁ ଟୁପୁରୁ କେଶର ମାଇଲା ଗଜା, ସାରୁଗଛ ମୂଳେ ବେଙ୍ଗଟିଏ ବସି ଆପେ ବୋଲାଉଛି ରଜା ।" ଏମିତି କେତେ କ'ଣ ! ପୁଣି ବିଜ୍ଞାନରେ ତେବେ ଏଇ ଉଭୟଚର ପ୍ରାଣୀ ବେଙ୍ଗମାନଙ୍କ ବିଷୟରେ ଆହୁରି ବେଶୀ ଜାଣିବା ପାଇଁ ତମର ନିଶ୍ଚେ ଆଗ୍ରହ ହେଉଥିବ ।

କେବଳ ଅତି ଥଣ୍ଡା ଆଣ୍ଟାର୍କଟିକା, ନିଉଜିଲାଣ୍ଡ ଓ ଗ୍ରୀନ୍ ଲାଣ୍ଡ ଛାଡ଼ି ଦେଲେ ପୃଥିବୀର ପ୍ରାୟ ସବୁ ଅଞ୍ଚଳରେ ବେଙ୍ଗ ଦେଖା ଯାଆନ୍ତି ଓ ଏମାନଙ୍କ ପ୍ରକାର ୨୦୦୦ରୁ ଅଧିକ । ଆକାରରେ ସେମାନେ ୧୦ ମି.ମି. ଠୁ ନେଇ ପ୍ରାୟ ୩୦୦ ମି.ମି. ବା ଏକଫୁଟରୁ ବେଶୀ ହୋଇଥା'ନ୍ତି । କେଉଁ ବେଙ୍ଗର ଚମଡ଼ା ଖୁବ୍ ଚିକ୍‌କଣିଆ ତ କାହାର ଖଦଖଦଡିଆ । ସେମାନଙ୍କ ଦେହର ରଙ୍ଗ ମଧ୍ୟ ବିଭିନ୍ନ ପ୍ରକାରର–ମାଟିଆ, ପାଉଁଶିଆ, ଶାଗୁଆ ଓ ହଳଦିଆ । କେତେ ଜାତିର ବେଙ୍ଗ ନିଜ ରଙ୍ଗକୁ ପରିବେଶ ଅନୁସାରେ ବଦଳାଇ ପାରନ୍ତି ମଧ୍ୟ । ଆମେରିକାରେ ଏପରି ଏକ ବେଙ୍ଗ ଦେଖାଯାଆନ୍ତି ଯାହାର ପେଟ ପଟର ଚମ ଏତେ ପତଳା ଯେ ହୃତ୍‌ପିଣ୍ଡ, ପାକସ୍ଥଳୀ ଇତ୍ୟାଦି ଦେହ ଭିତରର ଅଂଶ ବାହାରକୁ ଦେଖାଯାଏ ।

ବର୍ଷାଦିନେ ଟିକି ଟିକି ବେଙ୍ଗ ସବୁଆଡ଼େ ବୁଲୁଥିବାର ଦେଖି ସେ ସବୁ କୁଆଡୁ ଆସନ୍ତି ଭାବୁଥିବ । ଘର ପାଖରେ ପୋଖରୀ ଇତ୍ୟାଦି ଥିଲେ ସେଠି ବେଙ୍ଗ ଅଣ୍ଡା ଓ ଫୁଲ ଇତ୍ୟାଦି ଦେଖି କିଛି କିଛି ଜାଣିଥିବ ମଧ୍ୟ । ଅଣ୍ଡାରୁ ବେଙ୍ଗ ହେବା ଓ ଅନ୍ୟ ଜୀବଜନ୍ତୁଙ୍କର ଭ୍ରୂଣ ବଢ଼ିବା ଭିତରେ ସାମଞ୍ଜସ୍ୟ ବହୁତ । ମଣିଷ ଇତ୍ୟାଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ଭ୍ରୂଣ ଦେହ ଭିତରେ ଏବଂ ପକ୍ଷୀ ଓ ସରୀସୃପମାନଙ୍କର ଭ୍ରୂଣ ଅଣ୍ଡାର ଖୋଳ ଭିତରେ ବଢ଼ୁଥିବାରୁ ଆମେ ଏହା ସିଧାସଳଖ ଦେଖିପାରେ ନାହିଁ । କିନ୍ତୁ ବେଙ୍ଗ ଅଣ୍ଡାର ଖୋଳ ସ୍ୱଚ୍ଛ ହୋଇଥିବାରୁ ଆମେ ପ୍ରଥମରୁ କୋଷ ବିଭାଜନ ମଧ୍ୟ ଦେଖିପାରେ । ତା'ଛଡ଼ା ଅନ୍ୟ ପ୍ରାଣୀମାନେ ମା' ଦେହରୁ କିମ୍ବା ଅଣ୍ଡା ଭିତରୁ ପୂର୍ଣ୍ଣାଙ୍ଗ ହୋଇ ବାହାରିଥିଲାବେଳେ ବେଙ୍ଗର ଅପରିପକ୍ୱ ମଝି ଅବସ୍ଥା ଗୁଡ଼ିକ ବାହାରେ ବଢ଼ୁଥା'ନ୍ତି । ତେଣୁ ତା'ର କାୟାନ୍ତରଣ ପ୍ରକ୍ରିୟାକୁ ମଧ୍ୟ ଆମେ ଦେଖିବାର ସୁଯୋଗ ପାଇପାରୁ । ତମେ ହୁଏତ ଜାଣିଥିବ ଯେ, ସଁବାଳୁଆରୁ ପ୍ରଜାପତି କାୟାନ୍ତରଣ ଖୋସା ଭିତରେ ଆମ ଆଖି ଉହାଡ଼ରେ ହୋଇଥାଏ । ତେଣୁ ବେଙ୍ଗର ଜୀବନ ଚକ୍ରରୁ ଆମେ ବହୁତ କଥା ଜାଣିପାରିଥାଉ ।



୧୪ ସପ୍ତାହ

ବେଙ୍ଗର ଜୀବନଚକ୍ର



ଆସ କରି ଦେଖିବା

ବେଙ୍ଗର ଜନ୍ମ ବୃତ୍ତାନ୍ତ



ନିୟମ ହିଁ ନିୟମ !!!



କହିଲ ଦେଖି

1. ୧. ଘଣ୍ଟାରେ ସାତଟା ବାଜିଲା ବେଳେ ଘଣ୍ଟା କଣ୍ଟା ଓ ମିନିଟ୍ କଣ୍ଟା ଭିତରେ କେତେ ଡିଗ୍ରୀ କୋଣ ହୋଇଥାଏ ?
2. ୨. ୦ ଠାରୁ ୯ ପର୍ଯ୍ୟନ୍ତ ସବୁ ସଂଖ୍ୟା ଥରେ ଲେଖାଏଁ ବ୍ୟବହାର କରି ୧ ତିଆରି କର ।
3. ୩. ୪୫ ଟଙ୍କାକୁ ୪ ଜଣଙ୍କ ଭିତରେ ଏପରି ବାଣ୍ଟିଦିଅ ଯେପରି କି ପ୍ରଥମର ଭାଗରେ ୨ ଟଙ୍କା ମିଶାଇଲେ ଯେତିକି ହେବ, ଦ୍ୱିତୀୟର ଭାଗରୁ ୨ ଟଙ୍କା କମ୍ କଲେ ସେତିକି ହେବ ଏବଂ ଏହା ତୃତୀୟର ଟଙ୍କାର ୨ ଗୁଣ ଓ ଚତୁର୍ଥର ଟଙ୍କାର ଅଧା ସଙ୍ଗେ ସମାନ ହେବ ।
4. ୪. ଚିତ୍ରରେ ଥିବା ଅର୍ଦ୍ଧ ଚନ୍ଦ୍ର ଭିତରେ ଦୁଇଟି ଗାର ଟାଣି ତାକୁ ୬ ଭାଗରେ ବିଭକ୍ତ କରି ପାରିବ କି ?





5. ୫. ଚିତ୍ରଟି ୧୨ ଖଣ୍ଡ ୧ ସେ.ମି. ଲମ୍ବର କାଠିରେ ତିଆରି ହୋଇଛି । ଏହାର କ୍ଷେତ୍ରଫଳ ୫ ବର୍ଗ ସେ.ମି, କାଠିଗୁଡ଼ିକୁ ଅନ୍ୟ ପ୍ରକାରରେ ସଜାଇ ଆଉ କେତୋଟି ଅଲଗା ପ୍ରକାରର ଚିତ୍ର କରଯାଇ ପାରିବ, ଯାହାର କ୍ଷେତ୍ରଫଳ ୫ ବର୍ଗ ସେ.ମି. ହେବ ?

ସେହି ୧୨ ଟି କାଠିରେ କେତେ ପ୍ରକାରର ୪ ବର୍ଗ ସେ.ମି. କ୍ଷେତ୍ରଫଳର ଚିତ୍ର କରି ପାରିବ ?

ଗତଥରର ଉତ୍ତର

୨. $୮ = \frac{୪ \times ୪}{୪ - \sqrt{୪}}$; $୯ = ୪ \times \sqrt{୪} + \frac{୪}{୪}$;
$୧୦ = ୪ + ୪ + ୪ - \sqrt{୪}$; $୧୨ = ୪ \times ୪ - \sqrt{୪} - \sqrt{୪}$; $୧୩ = \frac{୪୪}{୪} - \sqrt{୪}$;
$୧୪ = ୪ \times ୪ + \sqrt{୪} - ୪$; $୧୫ = ୪ \times ୪ - \frac{୪}{୪}$; $୧୬ = \frac{୪ \times ୪ \times ୪}{୪}$
$୧୭ = ୪ \times ୪ + \frac{୪}{୪}$; $୧୮ = ୪ \times ୪ - \sqrt{୪} + ୪$.



ଆକାଶର ନିଆଁଟୁଲା

ଉଲ୍‌କା



ବେଳେ ବେଳେ ଦେଖିଥିବ ଆକାଶରୁ ତାରା ଭଳି କିଛି ଖସିପଡ଼େ । ଏହାକୁ ଯଦିଓ ତାରା ଖସିବା କୁହାଯାଏ ପ୍ରକୃତରେ ତାହା ହୁଏନି । ଖସିପଡୁଥିବା ଏ ଜିନିଷଗୁଡ଼ିକର ନାଁ "ଉଲ୍‌କା" । ଏଗୁଡ଼ିକ ମହାକାଶରେ ଭାସି ବୁଲୁଥିବା ବିଭିନ୍ନ ଆକାରର ପଥର ଖଣ୍ଡମାନ । ପୃଥିବୀର ଅତି ପାଖକୁ ଆସିଗଲେ ଆମର ମାଧ୍ୟାକର୍ଷଣ ଶକ୍ତି ବଳରେ ଖଣ୍ଡେ ଖଣ୍ଡେ ଟାଣି ହୋଇ ଆସନ୍ତି । ବାୟୁମଣ୍ଡଳ ଭିତରେ ପଶିଲାବେଳେ ଘର୍ଷଣ ଫଳରେ ଏଗୁଡ଼ିକ ବହୁତ ଗରମ ହୋଇ ଜଳି ଉଠି ଆମକୁ ତାରା ଭଳି ଦେଖାଯାଆନ୍ତି ।

ଆକାରରେ ଏଗୁଡ଼ିକ ଛୋଟ ଧୂଳିକଣାଠାରୁ ଆରମ୍ଭ କରି ଲକ୍ଷ ଲକ୍ଷ ଟନ୍ ଓଜନର ହୋଇଥା'ନ୍ତି । ଖସୁଥିବା ଉଲ୍‌କାଗୁଡ଼ିକର ବେଗ ସେକେଣ୍ଡ ପ୍ରତି ୧୧ରୁ୭୨ କି.ମି. ପର୍ଯ୍ୟନ୍ତ ହୋଇଥାଏ । ଏତେ ଜୋର୍‌ରେ ଆସୁଥିବା ଏକ ମିଲିଗ୍ରାମ୍ ଓଜନର ଧୂଳିକଣା ଭଳି ଉଲ୍‌କାଟିଏ ଆମ ପାଇଁ ଗୋଟିଏ ବନ୍ଧୁକଗୁଳି ଭଳି ବିପଜ୍ଜନକ ହୋଇପାରିବ । ଆଉ ପ୍ରତିଦିନ ଏପରି କୋଟି କୋଟି କଣିକା ଆମ ବାୟୁମଣ୍ଡଳକୁ ଆସନ୍ତି । ତଥାପି ଆମର କିଛି କ୍ଷତି ହେଉନାହିଁ । କାରଣ ବାୟୁମଣ୍ଡଳରେ ଘର୍ଷଣ ଫଳରେ ଏହି ଉଲ୍‌କାଗୁଡ଼ିକ ବହୁତ ଗରମ ହୋଇ ବାଷ୍ପ ହୋଇଯା'ନ୍ତି । କେବଳ ବଡ଼ ବଡ଼ ଉଲ୍‌କାଗୁଡ଼ିକର କିଛି ଅଂଶ ମାଟି ଉପରକୁ ଆସିପାରେ । ବେଳେ ବେଳେ ଅତି ବିରାଟ ଉଲ୍‌କାଖଣ୍ଡ ପୃଥିବୀରେ ପଡ଼ି ବହୁତ କିଛି କ୍ଷତି କରିଥାଆନ୍ତି ।

ଏସବୁ ଗୋଟିକିଆ ଉଲ୍‌କା ଛଡ଼ା ବେଳେ ବେଳେ ଆକାଶରେ ବହୁତ ସଂଖ୍ୟାରେ ଉଲ୍‌କା ଏକ ସମୟରେ ଦେଖାଯାଇ ଥାଆନ୍ତି । ଏହାକୁ ଆମେ "ଉଲ୍‌କା ବର୍ଷା" କହିଥାଉ । ମହାକାଶର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଘୂରି ବୁଲୁଥିବା ଭଙ୍ଗା ଧୂମକେତୁ ବା ଗ୍ରହାଣୁ ଭିତର ଦେଇ ପୃଥିବୀ ଗଲାବେଳେ ଏପରି ଉଲ୍‌କା ବର୍ଷା ହୋଇଥାଏ । ଏଗୁଡ଼ିକ ବର୍ଷର ନିର୍ଦ୍ଦିଷ୍ଟ ସମୟରେ ହୋଇଥାଏ । ଅକ୍ଟୋବର ୨୨ ନଭେମ୍ବର ୧୭ ଓ ଡିସେମ୍ବର ୧୨ ରାତିରେ ଏଭଳି ବର୍ଷା ଦେଖାଯିବାର ସମ୍ଭାବନା ବହୁତ । ଦେଖିବ ଓ ତମର ଅଭିଜ୍ଞତା ଲେଖି ଜଣାଇବ ।

ଶଇତାନର ଖାଲ (Canyon Diablo)

ଅନୁମାନ କରଯାଏ ଯେ, ଏହି "ଶଇତାନର ଗାତ" ବା ଆଧୁନିକ ନାଁ ଅନୁସାରେ "ବ୍ୟାରିଙ୍ଗର୍ ଗାତ" ଖୋଳିଥିବା "କଳନ୍ତା ଦିଅଁ" ଉଲ୍‌କାଟି ପଡ଼ିଥିଲା ପ୍ରାୟ ୨୪,୦୦୦ ବର୍ଷ ତଳେ । ମଣିଷ ଜାଣିବାରେ ଏହା ପୃଥିବୀରେ ପଡ଼ିଥିବା ବୃହତ୍ତମ ପଦାର୍ଥ ।



ତରଙ୍ଗ

ପ୍ରାଚୀର ପତ୍ରିକା

ଚତୁର୍ଥ ସଂଖ୍ୟା ନଭେମ୍ବର ୧୯୮୯

WALL MAGAZINE
ପ୍ରକାଶକ
ସୃଜନୀକା

କ୍ୱାଟର ନମ୍ବର–ସି. ଆର୍.–୧
ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର କ୍ୟାମ୍ପସ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର–୭୫୧୦୦୫

ଏହି ପ୍ରାଚୀର ପତ୍ରିକା ପାଇଁ ବିଶେଷ ଆଗ୍ରହ ଆମେ ଦେଖୁନାହୁଁ । ଯଦି ଆପଣ ଭାବୁଥାନ୍ତି ଏହା ଖୁବ୍ ଉପଯୋଗୀ ତେବେ ସଙ୍ଗେ ସଙ୍ଗେ ଲେଖି ଜଣାନ୍ତୁ । ଯଦି ଯଥେଷ୍ଟ ପରିମାଣରେ ଏହା ସପକ୍ଷରେ ମତାମତ ଆମେ ପାଇବୁ ନାହିଁ ତେବେ ଆମେ ଏହାକୁ ବନ୍ଦ କରିଦେଇ ମୁଖ୍ୟ ପତ୍ରିକା ସହ ମିଶାଇ ଦେବୁ ।



ଆମ ସ୍ୱାସ୍ଥ୍ୟ

ଖାଦ୍ୟ

ଆମ ଦେହଟି ଗୋଟିଏ ଗାଡ଼ି ପରି । ଗାଡ଼ି ଚାଲିବା ପାଇଁ ଦରକାର ଶକ୍ତି । ଇଞ୍ଜିନ୍ ପେଟ୍ରୋଲରୁ ଶକ୍ତି ବାହାର କରେ । ଆମ ଦେହର ଶକ୍ତି ଆସେ ଖାଦ୍ୟରୁ ।



ବୈଜ୍ଞାନିକ ଦୃଷ୍ଟିକୋଣ ... ନେହେରୁ

"ସବୁ ଦେଶର ଓ ସବୁ ଜାତିର ଲୋକଙ୍କ ପାଇଁ ଆଜି ବିଜ୍ଞାନର ବ୍ୟବହାର ଅନିବାର୍ଯ୍ୟ ଓ ଅପରିହାର୍ଯ୍ୟ ଅଟେ । କିନ୍ତୁ ତାକୁ ଖାଲି ବ୍ୟବହାର କଲେ ଚଳିବ ନାହିଁ । ବିଜ୍ଞାନର ଉପଯୁକ୍ତ ପ୍ରୟୋଗ ପାଇଁ ଏବଂ ଜୀବନର ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଦରକାର ଏକ ବିଜ୍ଞାନ ସମ୍ମତ ପନ୍ଥା । ଏହି ପନ୍ଥାର ପରିଚାୟକ ହେଉଛି ସାହସିକତା, ବିଜ୍ଞାନର ସମୀକ୍ଷାମୂଳକ ଦୃଷ୍ଟିକୋଣ, ସତ୍ୟ ଓ ନୂତନ ଜ୍ଞାନର ସନ୍ଧାନ, କୌଣସି କଥାକୁ ବିନା ପରୀକ୍ଷାରେ ଗ୍ରହଣ କରିନେବାର ବିରୋଧ, ନୂଆ ତଥ୍ୟ ବଳରେ ପୁରୁଣା ସିଦ୍ଧାନ୍ତକୁ ବଦଳାଇବାର ସାମର୍ଥ୍ୟ, ମନଗଢ଼ା ତତ୍ତ୍ୱ ବଦଳରେ ପ୍ରତ୍ୟକ୍ଷ ତଥ୍ୟ ଉପରେ ଭରସା, ଦୃଢ଼ ମାନସିକ ଶୃଙ୍ଖଳା ଇତ୍ୟାଦି ।"

କହିଲ ଦେଖି

1. ଖଣ୍ଡିଏ ପତଳା (ମୋଟେଇ x ମି.ମି.) ଏବଂ ଲମ୍ବା କାଗଜ ନିଅ । ତାହାକୁ ମଝିରୁ ଦୁଇଖଣ୍ଡ କରି କାଟିଦିଅ । ତା'ପରେ ଦୁଇ ଖଣ୍ଡକୁ ଏକାଠି ରଖି ପୁଣି ଅଧାରୁ କାଟିଦିଅ ଦୁଇ ଖଣ୍ଡକୁ ପୁଣି ମିଶାଇ ମଝିରୁ କାଟ । ଯଦି ଏହିପରି ତମେ ଦଶଥର କାଟିବ ତା'ହେଲେ କାଗଜ ଥାକଟି କେତେ ମୋଟା ହେବ ? ପଚାଶ ଥର କାଟିଲେ ?
2. ଗୋଟିଏ ସଂଖ୍ୟାକୁ ନିଜ ଦ୍ୱାରା ଗୁଣି, ଗୁଣଫଳର ଦୁଇ ଗୁଣରେ ମୂଳ ସଂଖ୍ୟାଟି ହରିଲେ ଯେଉଁ ସଂଖ୍ୟାଟି ହେବ ତାହା ମୂଳ ସଂଖ୍ୟାର ବର୍ଗ । ତେବେ ସଂଖ୍ୟାଟି କେତେ ?
3. ଜଣେ ଲୋକର ଗୋଟିଏ ଜମି ଥିଲା । ସେଥିରେ ତା'ର 4ଟି ଘର, 4ଟି ଗଛ, 4ଟି କୂଅ ଓ 4ଟି ବଗିଚା ଅଛି । ସେ ତା'ର ସମ୍ପତ୍ତିକୁ ତା'ର 4 ପୁଅଙ୍କ ଭିତରେ ଏପରି ବାଣ୍ଟିବାକୁ ଚାହେଁ ଯେପରି ସବୁ ପୁଅ ସମାନ ଜମି ପାଇବେ ଓ ପ୍ରତ୍ୟେକ ଗୋଟିଏ ଲେଖାଏଁ ଘର, ଗଛ, କୂଅ, ବଗିଚା ପାଇବେ । ତମେ ଗାର ଟାଣି ତାକୁ ସାହାଯ୍ୟ କରିବ କି ?







ଗତଥରର ଉତ୍ତର

୧· ୧୫୦

୨· ବିଭିନ୍ନ ଉପାୟରେ ହୋଇ ପାରିବ ।
ଉଦାହରଣ ସ୍ୱରୂପ :- (୧୨୩୪୫୬୭୮୯)° = ୧
୯ − ୮ + ୭ − ୬ + ୫ − ୪ + ୨ − ୩ + ୧ + ୦ = ୧

୩· ୧୨ ଟଙ୍କା, ୮ ଟଙ୍କା, ୨୦ ଟଙ୍କା ଓ ୫ ଟଙ୍କା ।

୪.



୫.



ବୈଜ୍ଞାନିକ
ସି.ଭି. ରମଣ

ଆଧୁନିକ ଭାରତର ବୈଜ୍ଞାନିକମାନଙ୍କ କଥା ଭାବିଲା ବେଳେ ପ୍ରଫେସର ସି.ଭି. ରମଣଙ୍କ ନାଁ ପ୍ରଥମେ ମନକୁ ଆସେ । ତାଙ୍କର ପୂରା ନାଁ 'ଚନ୍ଦ୍ରଶେଖର ଭେଙ୍କଟରମଣ' ଅପେକ୍ଷା "ସି.ଭି. **ରମଣ**" ଭାବରେ ବେଶୀ ପରିଚିତ । ବିଜ୍ଞାନକ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସବୁଠାରୁ ବଡ଼ ସମ୍ମାନ ନୋବେଲ୍ ପୁରସ୍କାର ପାଇବାରେ ସେ ଏକମାତ୍ର **ଭାରତୀୟ** ଓ ଏସିଆ ମହାଦେଶରେ ପ୍ରଥମ ।

ଦୁଇ ଶହ ଟଙ୍କାରେ ନୋବେଲ ପୁରସ୍କାର

"ରମଣ ପ୍ରଭାବ"ର ଆବିଷ୍କାର ପାଇଁ ବ୍ୟବହାର ହୋଇଥିବା ଉପକରଣ ଗୁଡ଼ିକର ମୋଟ ମୂଲ୍ୟ ଥିଲା ଦୁଇ ଶହ ଟଙ୍କା ଭିତରେ । ତା' ମଧ୍ୟ ଚକଚକିଆ ଯନ୍ତ୍ରଟିଏ ନ ଥିଲା–ଏହାକୁ ରମଣ ଓ ତାଙ୍କ ସହକର୍ମୀମାନେ ଭିନ୍ନ ଭିନ୍ନ ଅଂଶକୁ ଏକାଠି କରି ହାତରେ ତିଆରି କରିଥିଲେ । ଏ ବିଷୟରେ ରମଣ କହିଥିଲେ "ବିଜ୍ଞାନର ମୂଳ ମନ୍ତ୍ର ହେଉଛି ସ୍ୱାଧୀନ ଚିନ୍ତା ଓ ଅଧ୍ୟବସାୟ, ଦାମିକା ଯନ୍ତ୍ରପାତି ନୁହେଁ !"

ନେହେରୁ ଓ ବିଜ୍ଞାନ

"କହିବାକୁ ଗଲେ ମଣିଷର ପୂଜା ପାଉଥିବା ଅନେକ ଦେବତାଙ୍କୁ ହଟାଇ ଦେଇ ବିଜ୍ଞାନ ନିଜେ ସେହି ଦେବତା-ରୂପକ ସ୍ଥାନଟିକୁ ଅଧିକାର କରି ବସିଛି । ଜାନୁଆରୀ ମାସର ଗ୍ରୀକ୍ ଦେବତା 'ଜାନସ୍'ଙ୍କ ପରି ଏହାର ବି ଦୁଇଟି ମୁହଁ ଅଛି : ଗୋଟିଏ ସ୍ରଷ୍ଟାର ମୁହଁ ଓ ଅନ୍ୟଟି ଧ୍ୱଂସକାରୀର ମୁହଁ । ଉଭୟ ମୁହଁର ତଳେ ରହି ଆମକୁ ବାଛିବାକୁ ପଡ଼େ କେଉଁଟି ବେଶୀ ଭଲ ଓ କାହାକୁ ଆମେ ଉତ୍ସାହିତ କରିବା । ଗୋଟିଏ ପକ୍ଷରେ ବିଜ୍ଞାନର ଚମତ୍କାର ଓ ବ୍ୟାପକ ପ୍ରଗତି ମଣିଷକୁ ଅଧିକରୁ ଅଧିକ ଶକ୍ତି ଆଣି ଦେଉଛି । ଅପର ପକ୍ଷରେ ଧ୍ୱଂସାତ୍ମକ କାମ ପାଇଁ ଏହି ଶକ୍ତିର ବାସ୍ତବ ଅପବ୍ୟବହାର କିମ୍ବା ଅପବ୍ୟବହାରର ସମ୍ଭାବନା ମଧ୍ୟ ଆମେ ଦେଖିବାକୁ ପାଉଛେ । ମଣିଷର ଇତିହାସରେ ଆମେ ପ୍ରଥମ ଥର ପାଇଁ କିଛି ଦୃଢ଼ତାର ସହ କହି ପାରିବା ଯେ ଏହି ପୃଥିବୀର କୋଟି କୋଟି ଲୋକଙ୍କୁ ରୋଗମୁକ୍ତ ଓ କିଛିଟା ସ୍ୱାଚ୍ଛନ୍ଦ୍ୟରେ ରଖିବାକୁ ଆମେ ଆଜି ସକ୍ଷମ, ଯାହାକି ଆଗରୁ କଳ୍ପନା ମଧ୍ୟ କରି ହେଉ ନ ଥିଲା । ଏହି କାମ ସମ୍ଭବ ଓ ନିଶ୍ଚିତରୂପେ କରାଯାଇ ପାରିବ, ଯଦି ଆମେ ଏହା କରିବାକୁ ଠିକ୍ ଉପାୟରେ ଚେଷ୍ଟା କରିବା । ଅନ୍ୟ ଦିଗରେ ଆମେ ବିଜ୍ଞାନର ଧ୍ୱଂସକାରୀ ରୂପକୁ ଦେଖି ପାରୁଛେ–ମଣିଷକୁ ମିଳିଥିବା ଏହି ଶକ୍ତି ପୃଥିବୀକୁ ଧ୍ୱଂସ କରିବା ପାଇଁ ଆଗ ଅପେକ୍ଷା ବେଶୀରୁ ବେଶୀ ବ୍ୟବହାର ହେଉଛି ।"



'ଦୁଇ ବର୍ଷ ତଳେ ...

ଭାରତ ଜନ-ବିଜ୍ଞାନ ଯାତ୍ରା : ୧୯୮୭

କାହାଣୀ ଜନବିଜ୍ଞାନୀର

"ଜନ ବିଜ୍ଞାନ ଯାତ୍ରା"ର "କଳା ମାଧ୍ୟମରେ ବିଜ୍ଞାନ" ବା "କଳାଯାତ୍ରା" ପ୍ରସ୍ତୁତି ଆରମ୍ଭ ହୋଇଥିଲା ଅଗଷ୍ଟ ମାସ ଆରମ୍ଭରେ । କେରଳର ତ୍ରିଚୂରମଠାରେ ଗୋଟିଏ କ୍ୟାମ୍ପରେ ସବୁ ପ୍ରଦେଶରୁ କିଛି କିଛି କର୍ମୀ ଏକାଠି ହୋଇ କଳାଯାତ୍ରା ପାଇଁ ଗୀତ, ନାଟିକା ଇତ୍ୟାଦି ବାଛି ନିଜ ନିଜ ଭାଷାରେ ଅନୁବାଦ କଲେ । ପ୍ରତ୍ୟେକ ରାଜ୍ୟରୁ ଦୁଇଜଣ ଲେଖାଏଁ ଆସିଥିଲେ । ଓଡ଼ିଶାରୁ ମୁଁ ଜଣେ ମାତ୍ର ଯାଇଥିଲି । ପ୍ରତ୍ୟେକ କାର୍ଯ୍ୟକ୍ରମ ଇଂରାଜୀ ବା ମାଲୟାଲମ୍‌ରେ ଥିଲା ।

ଆମର ଲକ୍ଷ୍ୟ ବିଷୟରେ ନିଜକୁ ମନେପକାଇ ଦେବା ପାଇଁ ରମଣଙ୍କ ଜନ୍ମଦିନ ନଭେମ୍ବର ୭ ତାରିଖକୁ ଆମେ ଜନବିଜ୍ଞାନ ଦିବସ ରୂପେ ପାଳନ କରିବା–କୌଣସି ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ନୁହେଁ; ରମଣଙ୍କର ଦର୍ଶନ ଓ ବାର୍ତ୍ତାର ଅନୁଶୀଳନ କରି ।